# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 December - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

— ଓଡ଼ିଶା ୭ଟି ବର୍ଗରେ ପୁରସ୍କାର ପାଇଁ ମନୋନୀତ

- ସ୍ମାର୍ଟ ଇଣ୍ଡିଆ ହାକାଥନ ଆଜି ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟିତ

— ଅପରାହ୍ଣରେ ଯୁବ ଉଦ୍ଭାବକଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ

- ଶିକ୍ଷା ହେଉଛି ମାନବ ସମ୍ବଳ ଗଢ଼ିବା ପାଇଁ ଉତ୍ତମ ମାଧ୍ୟମ; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ଚଳିତବର୍ଷ ରବିଋତୁରେ ୬୪ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ଆଳୁ ଚାଷ ପାଇଁ ବ୍ୟବସ୍ଥା ହୋଇଛି ବୋଲି ବିଧାନସଭାରେ ଉତ୍ତର ରଖିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ

# ପଞ୍ଚାୟତ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ ଦୀର୍ଘସ୍ଥାୟୀ ଓ ସମାବେଶୀ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ବିଭିନ୍ନ ବର୍ଗରେ ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ସମ୍ମାନିତ କରାଯିବ । ଏଥିରେ ଓଡ଼ିଶାକୁ ୭ଟି ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଗଞ୍ଜାମ ଜିଲ୍ଲାର ରଂଗେଇଲୁଣ୍ଡା ବ୍ଲକ୍ କେଳୁଆପଲ୍ଲୀକୁ ସୁସ୍ଥ ପଂଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ପୁରସ୍କାର ପାଇଁ ଚୟନ କରାଯାଇଥିବାବେଳେ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ସାହାପୁର ପଞ୍ଚାୟତକୁ ଚୟନ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ ବ୍ଲକ୍ କେନ୍ଦ୍ରୀକେଲା ପଞ୍ଚାୟତକୁ ଅଙ୍ଗାରକାମ୍ଳମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଛତ୍ରପୁର ଶ୍ରେଷ୍ଠ ବ୍ଲକ୍ ଓ କୋରାପୁଟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରି ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛି।

# ହାକାଥନ

ଦେଶର ଛାତ୍ରଛାତ୍ରୀ ବିକଶିତ ଭାରତର ମୁଖ୍ୟ ପୁରୋଧା ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ସପ୍ତମ

ସଂସ୍କରଣକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଛାତ୍ରଛାତ୍ରୀମାନେ ନୂତନ ଉଦ୍ଭାବନ ଏବଂ ବିଶ୍ୱରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ଗ୍ରହଣ କରି ସେଗୁଡ଼ିକର ସମାଧାନ ବାହାର କରିବା କ୍ଷେତ୍ରରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଏକବିଂଶ ଶତାବ୍ଦୀର ବିକାଶ ମଡେଲ ଓ ଏଥିସହିତ ଜଡିତ ବିକାଶୋନ୍ମୁଖୀ ଅର୍ଥନୀତିରେ ସେମାନଙ୍କ କାର୍ଯ୍ୟ, ନେତୃତ୍ୱ ଏବଂ ନୂତନତା ଦିଗ୍‌ଦର୍ଶନ ଦେଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣ ସାଢେ ୪ଟାରେ ଭିଡିଓ କନ୍‌ଫରେନ୍ସିଂ ମାଧମରେ ଯୁବ ଉଦ୍ଭାବକମାନଙ୍କ ସହ ଆଲୋଚନା କରିବେ। ଦେଶର ୫୧ଟି ନୋଡାଲ ସେଣ୍ଟରରେ ଆରମ୍ଭ ହୋଇଥିବା ଏହି ସଫ୍ଟୱେର୍ ସଂସ୍କରଣ ୩୬ ଘଣ୍ଟା ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ହାର୍ଡୱେର ସଂସ୍କରଣ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ସ୍ମାର୍ଟ ଇଣ୍ଡିଆ ହାକାଥନ ଏକ ମଞ୍ଚ ପ୍ରଦାନ କରିବ।

## ଭାଷା ଉତ୍ସବ

'ଶିକ୍ଷା ହେଉଛି ମାନବ ସମ୍ବଳ ଗଢ଼ିବା ପାଇଁ ଉତ୍ତମ ମାଧମ' ପ୍ରାଥମିକ, ମାଧମିକ ଶିକ୍ଷାକୁ ସୁଦୃଢ଼ କରିପାରିଲେ ଭବିଷ୍ୟତରେ ଉତ୍ତମ ଛାତ୍ରଛାତ୍ରୀ ବାହାରି ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟସ୍ତରୀୟ ଭାଷା ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ

କହିଛନ୍ତି, ପ୍ରତି ପଞ୍ଚାୟତରେ ଏକ ଆଦର୍ଶ ବିଦ୍ୟାଳୟ ଖୋଲାଯିବ। ଏହି ଅବସରରେ 'ମାଧୋ ସିଂ ହାତଖର୍ଚ୍ଚ' ଚଳିତମାସ ୩୧ ତାରିଖରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# - V/O –

## ସଠିକ୍ ପଞ୍ଜିକା ପ୍ରସ୍ତୁତ

ନିର୍ଭୁଲ ଓ ସଠିକ୍ ପଞ୍ଜିକା ପ୍ରସ୍ତୁତ ନେଇ ଆଜି ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି।  ବୈଠକରେ ବିଭିନ୍ନ ପାଞ୍ଜିକାରଙ୍କ ସମେତ ମୁକ୍ତିମଣ୍ଡପ, ପଣ୍ଡିତ ସଭା ଓ ପୂଜା ପଣ୍ଡା ନିଯୋଗର ପ୍ରତିନିଧିମାନେ ଯୋଗଦେଇଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଜିକା ସମୀକରଣ, ସମୀକ୍ଷା ସହ ପାଣ୍ଡୁଲିପି ସଂଶୋଧନ ଉପରେ ଆଲୋଚନା ହୋଇଥିଲା। ଏପର୍ଯ୍ୟନ୍ତ ୫ଟି ପାଣ୍ଡୁଲିପି ଦାଖଲ ହୋଇଥିବାବେଳେ ଆଉ କେତେକ ପାଣ୍ଡୁଲିପି ଆସି ନଥିବା ଯୋଗୁଁ ଚଳିତମାସରେ ପୁନଃ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଡେପୁଟେସନ

ଓଡ଼ିଶା କ୍ୟାଡରର ୩ ଜଣ ଆଇ.ପି.ଏସ୍. ଅଧିକାରୀ ଅସୀତ କୁମାର ପାଣିଗ୍ରାହୀ, ଅମିତାଭ ଠାକୁର ଓ ରାଜେଶ କୁମାର କେନ୍ଦ୍ରୀୟ ଡେପୁଟେସନରେ ଯିବେ । ଏ ନେଇ ଥିବା ପ୍ରସ୍ତାବକୁ ରାଜ୍ୟ ଗୃହ ବିଭାଗ ଅନୁମୋଦନ ଦେଇଛି ।

## ବିଧାନସଭା

ବିଧାନସଭାର ଶୀତଳକାଳିନ ଅଧିବେଶନର ଦ୍ୱାଦଶତମ କାର୍ଯ୍ୟଦିବସରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି। ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାଳରେ ନିର୍ଦ୍ଧାରିତ ୧ ଘଣ୍ଟା ମଧ୍ୟରେ ମାତ୍ର ୩ଟି ପ୍ରଶ୍ନ ଉପରେ ଆଲୋଚନା କରିବାର ସୁଯୋଗ ଦେଇଥିଲେ।

ରାଜ୍ୟ ସରକାର ଚଳିତବର୍ଷ ୬୪ କୋଟି ୧୭ ଲକ୍ଷ ଟଙ୍କା ଅର୍ଥ ବ୍ୟୟରେ ରବିଋତୁରେ ଆଳୁ ଚାଷ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଆଳୁ ଚାଷକୁ ପ୍ରୋତ୍ସାହନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ଏପର୍ଯ୍ୟନ୍ତ ୧ ଲକ୍ଷ ୩୭ ହଜାର ୨୩୦ କୁଇଣ୍ଟାଲ ଉନ୍ନତମାନର ଆଳୁ ବିହନ ବିଭିନ୍ନ ଜିଲ୍ଲାକୁ ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଚାଷୀମାନଙ୍କୁ ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ମାନସ କୁମାର ଦତ୍ତଙ୍କ ମୂଳ ପ୍ରଶ୍ନ ଏବଂ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଏପର୍ଯ୍ୟନ୍ତ ଚାଷୀଙ୍କୁ ୧ ଲକ୍ଷ ୩୭ ହଜାର ୨୩୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଛି। ସେହିପରି ନଦୀ ବାଲିରେ ଆଳୁ ଚାଷ ପାଇଁ କୃଷି

ବିଭାଗ ପକ୍ଷରୁ ସର୍ଭେ କରିବା ପାଇଁ ଏକ ଟିମ୍‌କୁ ପଠାଯିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି। ରାଜ୍ୟର ୫୮ଟି ବ୍ଲକ୍‌ରେ ହାଇବ୍ରିଡ୍ ମୋଡରେ ଶୀତଳଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ବିଧାନସଭା-୨

କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀମାନଙ୍କ ମାଧ୍ୟମରେ ରାଜ୍ୟକୁ କିରୋସିନି ଯୋଗାଣ କରିବାର ରହିଥିବା ବ୍ୟବସ୍ଥା ଅନୁସାରେ ୨୦୨୪ ମସିହାର ଚଳିତ ୩ ମାସରେ ଓଡ଼ିଶାକୁ ମୋଟ୍ ୪ହଜାର ୯୪୪ କିଲୋ ଲିଟର କିରୋସିନି ଆବଣ୍ଟନ କରିଛନ୍ତି। ସେହି ଅନୁପାତରେ ରାଜ୍ୟର ସମସ୍ତ ୯୬ ଲକ୍ଷ ୩୮ ହଜାର ୧୦୩ ଏନ୍.ଏଫ୍.ଏସ୍.ଏ./ଏସ୍.ଏଫ୍.ଏସ୍.ଏସ୍. କାର୍ଡଧାରୀଙ୍କ ମଧ୍ୟରେ ସମାନ ଅନୁପାତରେ ତ୍ରୈମାସିକ ପାଇଁ କାର୍ଡପିଛା ଅଧଲିଟର କିଲୋସିନ୍ ଯୋଗାଇ ଦିଆଯାଇଛି ବୋଲି ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଆଜି ବିଧାନସଭାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

## ବିଧାନସଭା-୩

ଓଡ଼ିଶାରେ ରେଳ ବିକାଶ ପାଇଁ ୨୩ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ରାୟଗଡ଼ାରେ ସ୍ୱତନ୍ତ୍ର ଡିଭିଜନ ପ୍ରତିଷ୍ଠା ପାଇଁ ୧୦୭ କୋଟି ଟଙ୍କା ଟେଣ୍ଡର ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ବିଧାନସଭାରେ କହିଛନ୍ତି।  ଶୂନ୍ୟକାଳରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରୁ ଇଞ୍ଚେ ବି ରେଳଲାଇନ୍ ଅନ୍ୟ ରାଜ୍ୟକୁ ଯିବ ନାହିଁ।

## ବିଧାନସଭା-୪

ରାଜ୍ୟର ୨୩ଟି ପ୍ରମୁଖ ଶିଳ୍ପ ସଂସ୍ଥା ଉପରେ ୧ ହଜାର ୯୬ କୋଟି ଟଙ୍କା ବକେୟା ଦେୟ ରହିଛି ବୋଲି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଲିଖିତ ଉତ୍ତର ଦେଇଛନ୍ତି । ୧୦ ବର୍ଷ ମଧ୍ୟରେ ୧୪ଟି ଶିଳ୍ପସଂସ୍ଥାକୁ ୪ ହଜାର ୯୭ କୋଟି ଟଙ୍କା ବକେୟା ବିଲ୍ ଛାଡ କରାଯାଇଛି ବୋଲି ଗୃହରେ ମନ୍ତ୍ରୀ କହିଛନ୍ତି ।

## ନକଲି ସୁନା

ରାଜ୍ୟର ୫ଟି ଅଳଙ୍କାର ଦୋକାନ ନକଲି ସୁନା ବିକ୍ରି କରୁଥିବା ନେଇ ସେମାନଙ୍କ ଲାଇସେନ୍ସ ବାତିଲ କରାଯାଇଛି ବୋଲି ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲିଖିତ ଉତ୍ତର ଦେଇଛନ୍ତି । ୨୦୨୪-୨୫ ମସିହା ନଭେମ୍ବର ମାସ ସୁଦ୍ଧା ଏ ବାବଦରେ ୪ଟି ମାମଲା ସହ ୪୮ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ୨୦୨୩-୨୪ ମସିହାରେ ୬ଟି ମାମଲା ରୁଜୁ କରାଯାଇଥିବାବେଳେ ୧ ଲକ୍ଷ ୫୫ ହଜାର ଜୋରିମାନା ଆଦାୟ କରାଯାଇଥିଲା ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ନବରଙ୍ଗପୁର ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମ୍ୟୁନିସିପାଲିଟି ହାଇସ୍କୁଲ ଠାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ କୁ ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭଆରମ୍ଭ କରିଥିଲେ । ଦିଆସିଲି ଜାଳିବା ଠାରୁ ପ୍ରେସର କୁକର ର ସିଟି ବାଜିବା ଦୈନନ୍ଦିନ ଜୀବନ

ରେ ବିଜ୍ଞାନ ରହିଛି, ଜୀବନ ଓ ଜୀବିକା ପାଇଁ ବିଜ୍ଞାନ ର ଆବଶ୍ୟକତା ରହିଛି ବିଜ୍ଞାନ ର ସଦୁପଯୋଗ ହିଁ ସମାଜ କୁ ପରିବର୍ତନ କରିପାରିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ଏହି ପ୍ରଦର୍ଶନୀ ରେ ମୋଟ ୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଆଜି ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ପଥଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଲିମେଳା ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ବିଭିନ୍ନ କଳାକାର ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ । ଏଥିରେ ଝୋଟି, ତୀରନ୍ଦାଜ, ମାର୍ଶାଲ ଆର୍ଟ, ସ୍କେଟିଂ, ମେଲୋଡି ସହ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ବିଏସଏଫର ଡଗ ସ୍କ୍ୱାର୍ଡ ଦ୍ୱାରା ପ୍ରଦର୍ଶିତ କୌଶଳ ବେଶ ଆକର୍ଷଣୀୟ ଥିଲା ।

## ଗୌରବ ଆଣିଲା ଭିକ୍ଟୋରୀ ଏକାଡେମୀ

ଗଞ୍ଜାମ ଜିଲ୍ଲା ମାର୍ଶଲ ଆର୍ଟ ପ୍ରତିଯୋଗିତାରେ ୩୫ଟି ସ୍ୱର୍ଣ୍ଣପଦକ, ୧୨ଟି ରୌପ୍ୟ ଓ ୧୫ଟି କାଂସ୍ୟପଦକ ଜିତିଛି । ଭଦ୍ରକଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲାର ଭିକ୍ଟୋରୀ ଏକାଡେମୀ ଅଫ୍ ମାର୍ଶଲ୍ ଆର୍ଟ ଓ ଆସିକା ଟାଏକୋଣ୍ଡୋ ଅଂଶଗ୍ରହଣ କରି ବିଭିନ୍ନ ବର୍ଗରେ ଏହି ପଦକ ହାସଲ କରିଛନ୍ତି ।

## ମାରଦା ମହୋତ୍ସବ ପ୍ରସ୍ତୁତି ବୈଠକ

ଗଞ୍ଜାମ ଜିଲ୍ଲା  ପୋଲସରା ବ୍ଲକ୍ ଅନ୍ତର୍ଗତ ମଥୁରା ପଞ୍ଚାୟତ ସ୍ଥିତ ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ ଲାଗି ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ଜାନୁଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା।

*********************************